# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1695 CUTTACK, WEDNESDAY, SEPTEMBER 4, 2019/BHADRA 13, 1941**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ.

## ଅଧିସୂଚନା

No. 20597---RDM-LAC-KNJ-0021-2019-R&DM, Dated. 20.07.2019

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୂଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଘଷିପୁରା**, ଥାନା - ଘଷିପୁରା ସଂ- ୮୨ , ତହସିଲ- ଘଷିପୁରା, ଜିଲ୍ଲା - କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୦.୨୩** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ( RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ |

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, କେନ୍ଦୁଝର ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନ ର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ |

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଆନନ୍ଦପୁର |

୬- ଜମି ର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟର କବା | ଅଧିସୂଚୀତଜମି ରରକବା | ରୟତ୍ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘଷିପୁରା | ଘଷିପୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ **୦.୪୩** | ଏ **୦.୨୩** | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

# LAND SCHEDULE

| କ୍ର :ନଂ | ଖାତା ନଂ | ଜମି ମାଲିକଙ୍କ ନାମ – ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୧୦ | ବାଇଧର ସାହୁ, ପି- ଅର୍ଜୁନି ସାହୁ, ଜା- ତେଲି, ବା- ନିଜଗାଁ । | ୧୦୧ | ଶାରଦ - ୩ | ୦.୦୫ | ୦.୦୧ |
| ୨ | ୧୮୩/ ୧୩୮ | ଭରତ ସାହୁ, ଶତ୍ରୁଘନ ସାହୁ, କ୍ଷିରୋଦ ସାହୁ, ବାସନ୍ତି ସାହୁ, ଗୌରୀ ସାହୁ, ମିନତୀ ସାହୁ, ନିରୁପମା ସାହୁ, ପି- ହୃଷିକେଶ ସାହୁ, ଜା- ତେଲି, ବା- ଘଷିପୁରା । | ୧୦୮ | ଶାରଦ - ୨ | ୦.୩୮ | ୦.୨୨ |
| | | | | ମୋଟ ଅଧିଗ୍ରହଣ ରକବା ଏ | | ୦.୨୩ |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ଅଭୟ କୁମାର ନାୟକ**

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1026—173+30